# ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

# ଓଡିଶା ମଡେଲ୍ ଟ୍ରାଇବାଲ୍ ଏଜୁକେସନ୍ ସୋସାଇଟି (OMTES), ଭୁବନେଶ୍ୱର

# Ekalavya Model Residential School (EMRS)

## (ଟ୍ରାଇବାଲ୍ ରୁରାଲ୍ ଟ୍ୟାଲେଣ୍ଟ ସର୍ଚ୍ଚ) TRTS ପ୍ରବେଶିକା ପରୀକ୍ଷା ବିଜ୍ଞାପନ

(୧) ଭାରତ ସରକାରଙ୍କ ଅନୁଦାନରେ କୋରାପୁଟ, ରାୟଗଡ଼ା, ମୟୁରଭଞ୍ଜ, କେନ୍ଦୁଝର, ଗଜପତି, କନ୍ଧମାଳ, ନବରଙ୍ଗପୁର, ଯାଜପୁର, ମାଲକାନଗିରି, ନୂଆପଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରତିଷ୍ଠିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ମାନଙ୍କରେ (EMRS) ଶିକ୍ଷାବର୍ଷ ୨୦୧୭-୧୮ ପାଇଁ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ□ଟି. ଆର୍. ଟି. ଏସ୍ (TRTS) ପ୍ରବେଶିକା ପରୀକ୍ଷା ପାଇଁ ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । (୨) ସମୁଦାୟ ସ୍ଥାନର ତିନି ଶତକଡ଼ା ଭିନ୍ନକ୍ଷମ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଅଟେ। ଯଦି ଭିନ୍ନକ୍ଷମ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଅବେଦନକାରୀ ନଥାନ୍ତି ତେବେ ଉକ୍ତ ସ୍ଥାନ ଗୁଡ଼ିକ ଅନ୍ୟ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୁରଣ କରାଯିବ । (୩) ପ୍ରବେଶିକା ପରୀକ୍ଷାର ସଫଳତା ଭିତିରେ ପ୍ରତ୍ୟେକ ବିଦ୍ୟାଳୟରେ ୩୦ ଜଣ ଛାତ୍ର ଓ ୩୦ଜଣ ଛାତ୍ରୀଙ୍କୁ ଗ୍ରହଣ କରାଯିବ । ଏତଦ୍‌ବ୍ୟତୀତ ନିଦ୍ଦିଷ୍ଟ ସ୍ଥାନ ସଂଖ୍ୟାର ୧୦ ପ୍ରତିଶତ ଅଧିକ ସ୍ଥାନ ସଂପୃକ୍ତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟମାନଙ୍କରେ କାର୍ଯ୍ୟରତ ଶିକ୍ଷକ/ କର୍ମଚାରୀ ତଥା ସ୍ଥାନୀୟ ବାସିନ୍ଦା ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ । ଏହି ଟି. ଆର୍. ଟି. ଏସ୍ (TRTS) ଲିଖିତ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ସେମାନଙ୍କର ଉତ୍କର୍ଷତା/ ଯୋଗ୍ୟତା ଭିତିରେ ଦିବାଧ୍ୟାୟୀ (Day Scholars) ହିସାବରେ ଚୟନ କରାଯିବ । (୪) ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଫିସ୍ ଦେବାକୁ ପଡ଼ିବ ନାହିଁ । (୫) **ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୧୦.୦୩.୧୭** । ଆଗ୍ରହୀ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଆବେଦନ ପତ୍ରକୁ ସାଦା କାଗଜରେ ପୂରଣ କରି ସଂପୃକ୍ତ ଏକଲବ୍ୟ ଆର୍ଦଶ ଆବାସିକ ବିଦ୍ୟାଳୟର ଅଧକ୍ଷ୍ୟଙ୍କ ନିକଟକୁ ପଠାଇବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । (୬) ଉକ୍ତ ପ୍ରବେଶିକା ପରୀକ୍ଷା **୨୬.୦୩.୧୭ ତାରିଖ** (ରବିବାର) ପୁର୍ବାହ୍ନ **୧୦.୦୦** ଘଟିକାଠାରୁ ଅପରାହ୍ନ **୧୨.୦୦** ଘଟିକା ପର୍ଯ୍ୟନ୍ତ ନିମ୍ନୋକ୍ତ କେନ୍ଦ୍ର ମାନଙ୍କରେ ଅନୁଷ୍ଠିତ ହେବ ।

| କ୍ରମିକ. ସଂଖ୍ୟା | ଆଦର୍ଶ ବିଦ୍ୟାଳୟର ଅବସ୍ଥିତି | ସଂପୃକ୍ତ ପ୍ରବେଶିକା ପରୀକ୍ଷା କେନ୍ଦ୍ରର ନାମ | ଦରଖାସ୍ତ ଗ୍ରହଣ କରିବା ଅଧିକାରୀଙ୍କ ଠିକଣା |
|---|---|---|---|
| କ. | ଧାନଘେରା, ଜିଲ୍ଲା- ମୟୁରଭଞ୍ଜ | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଧାନଘେରା | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଧାନଘେରା |
| ଖ. | ଭବାନୀପୁର,ଜିଲ୍ଲା-ସୁନ୍ଦରଗଡ଼ | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଭବାନୀପୁର | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଭବାନୀପୁର |
| ଗ. | ସିରିଗୁଡ଼ା, ଜିଲ୍ଲା-ରାୟଗଡ଼ା | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ସିରିଗୁଡ଼ା | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ସିରିଗୁଡ଼ା |
| ଘ. | ପୁଙ୍ଗାର, ଜିଲ୍ଲା-କୋରାପୁଟ | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ପୁଙ୍ଗାର | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ପୁଙ୍ଗାର |
| ଙ | ରାଙ୍କି, ଜିଲ୍ଲା- କେନ୍ଦୁଝର | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଙ୍କି | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଙ୍କି |
| ଚ. | ଚନ୍ଦ୍ରଗିରି, ଜିଲ୍ଲା-ଗଜପତି | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଚନ୍ଦ୍ରଗିରି, ଗଜପତି । | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଚନ୍ଦ୍ରଗିରି, ଗଜପତି । |
| ଛ | ମହାସିଙ୍ଗି, ଜିଲ୍ଲା-କନ୍ଧମାଳ | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମହାସିଙ୍ଗି, ବାଲିଗୁଡ଼ା | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମହାସିଙ୍ଗି, ବାଲିଗୁଡ଼ା |
| ଜ | ହିର୍ଲି, ଜିଲ୍ଲା-ନବରଙ୍ଗପୁର | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ହିର୍ଲି, ଜିଲ୍ଲା-ନବରଙ୍ଗପୁର | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ହିର୍ଲି, ଜିଲ୍ଲା-ନବରଙ୍ଗପୁର |
| ଝ | ଲହୁଣିପଡ଼ା, ଜିଲ୍ଲା-ସୁନ୍ଦରଗଡ଼ | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲହୁଣିପଡ଼ା, ସୁନ୍ଦରଗଡ଼ | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲହୁଣିପଡ଼ା, ସୁନ୍ଦରଗଡ଼ |
| ଞ | ଲାଇଙ୍ଗ (ମନ୍ଦିରାଡ୍ୟାମ ପାଖ), ଜିଲ୍ଲା-ସୁନ୍ଦରଗଡ଼ | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲାଇଙ୍ଗ (ମନ୍ଦିରାଡ୍ୟାମ ପାଖ), ସୁନ୍ଦରଗଡ଼ | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲାଇଙ୍ଗ (ମନ୍ଦିରାଡ୍ୟାମ ପାଖ), ସୁନ୍ଦରଗଡ଼ |
| ଟ. | ରାଂପିଲୋ, କଳିଙ୍ଗନଗର, ଜିଲ୍ଲା-ଯାଜପୁର | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଂପିଲୋ, କଳିଙ୍ଗନଗର, ଯାଜପୁର | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଂପିଲୋ, କଳିଙ୍ଗନଗର, ଯାଜପୁର |
| ଠ. | ମାଲକାନଗିରି ଜିଲ୍ଲା-ମାଲକାନଗିରି | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମାଲକାନଗିରି | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମାଲକାନଗିରି |
| ଡ. | ନୂଆପଡା ଜିଲ୍ଲା-ନୂଆପଡ଼ା | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଖରିଆର ରୋଡ୍ | ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ନୂଆପଡ଼ା, ଖରିଆର ରୋଡ |

**ବିଶେଷ ଦ୍ରଷ୍ଟବ୍ୟ:** (୧) ଏଠାରେ ସୂଚାଇ ଦିଆଯାଉଛି ଯେ, ଯେଉଁ ରାଜସ୍ୱ ଗ୍ରାମରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଟି ଅବସ୍ଥିତ ସେହି ଗ୍ରାମରେ ବସବାସ କରୁଥିବା ଅଧିବାସୀମାନଙ୍କ ଛାତ୍ରଛାତ୍ରୀମାନଙ୍କୁ ସ୍ଥାୟୀ ବାସିନ୍ଦା ରୁପେ ବିବେଚିତ କରାଯିବ ।(୨) ଏଠାରେ ପୁନଶ୍ଚ ସୂଚାଇ ଦିଆଯାଉଛି ଯେ, ଅନୁସୁଚିତ ଜନଜାତିର ପିଲାମାନେ ସେମାନଙ୍କର ଜାତିଗତ ପ୍ରମାଣପତ୍ରର ନକଲ ଦରଖାସ୍ତରେ ସଂଲଗ୍ନ କରି ଆବେଦନ କରିବେ ।

**ସ୍ୱା/-**

**(ଆର୍. ରଘୁ ପ୍ରସାଦ)**

ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ

ଅନୁସୁଚିତ ଜନଜାତି ଓ ଅନୁସୁଚିତ ଜାତି ଉନ୍ନୟନ ବିଭାଗ

## ପ୍ରବେଶିକା ପରୀକ୍ଷା ପାଇଁ ଦରଖାସ୍ତ ନମୁନା

| ପାସ୍‌ପୋର୍ଟ ଫଟୋ |
|---|

୧. ଛାତ୍ରଛାତ୍ରୀଙ୍କ ନାମ:

୨. ପିତା/ ଅଭିଭାବକଙ୍କ ନାମ:

୩. ମାତାଙ୍କ ନାମ:-

୪. ଠିକଣା ଗ୍ରାମ: ପୋଷ୍ଟ: ଭାୟା: ଥାନା:

ବ୍ଲକ: ତହସିଲ: ଜିଲ୍ଲା:

୫. ଜନ୍ମ ତାରିଖ :

୬. କେଉଁ ଅନୁସୁଚିତ ଜନଜାତିର ଅର୍ନ୍ତଭୁକ୍ତ (ପ୍ରମାଣପତ୍ରର ନକଲ ସଂଲଗ୍ନ କରିବେ):

୭. ଭିନ୍ନକ୍ଷମ ପ୍ରାର୍ଥୀ କି ?(ପ୍ରମାଣପତ୍ରର ନକଲ ସଂଲଗ୍ନ କରିବେ) :

୮. ପଂଚମ ଶ୍ରେଣୀରେ ପଢୁଥିବା ସ୍କୁଲର ନାମ :

୯.. ପଂଚମ ଶ୍ରେଣୀରେ ଉତୀର୍ଣ୍ଣ ହେବା ବର୍ଷ :

୧୦. ପଢ଼ିବାକୁ ଚାହୁଁଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ନାମ :

୧୧. ପ୍ରବେଶିକା ପରୀକ୍ଷା ଦେବାକୁ ଚାହୁଁଥିବା କେନ୍ଦ୍ରର ନାମ:

୧୨. ବିବାଧ୍ୟାୟୀ ଆବେଦନକାରୀଙ୍କ ଜାତି ଓ ଆବାସିକ ପ୍ରମାଣପତ୍ର :

## ଘୋଷଣା

ଦରଖାସ୍ତରେ ମୋ ଦ୍ୱରା ପ୍ରଦତ ସମସ୍ତ ତଥ୍ୟ ସତ୍ୟ ଅଟେ ।

ଛାତ୍ର/ ଛାତ୍ରୀଙ୍କ ସ୍ୱାକ୍ଷର

ପ୍ରଧାନଶିକ୍ଷକଙ୍କ ସାକ୍ଷର/ ତାରିଖ/ ମୋହର